## ଚଳିତ ମାସ ୧୪ ତାରିଖରେ ଅନୁଗୋଳରେ ଅନୁଷ୍ଠିତ ହେବ ୩ୟ ଜାତୀୟ ଲୋକ ଅଦାଲତ

## 3rd National Lok Adalat scheduled to be held on 14.09.2019.

ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ୩ୟ ଜାତୀୟ ଲୋକ ଅଦାଲତ ଚଳିତ ମାସ ୧୪ ତାରିଖ ପୂର୍ବାହ୍ଣ ୯.୦୦ ଘଟିକାରେ ଅନୁଗୋଳ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ମୋକଦ୍ଦମାରେ ସମ୍ପୃକ୍ତ ପକ୍ଷ, ବିଭିନ୍ନ ବ୍ୟାଙ୍କ,ବୀମା କମ୍ପାନୀ,ଅନୁଷ୍ଠାନ ଆଦି ବହୁ ସଂଖ୍ୟାରେ ଯୋଗ ଦେବେ । କୋର୍ଟ ଗୁଡିକରେ ପଡି ରହିଥିବା ବିଭିନ୍ନ ମାମଲା ଗୁଡିକର ଏହି ଲୋକ ଅଦାଲତ ମାଧ୍ୟମରେ ବିଚାର କରାଯାଇ ଆପୋଷ ସମାଧାନ ମାଧ୍ୟମରେ ଲୋକମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯିବ । ଏହି ଲୋକ ଅଦାଲତରେ ଉପସ୍ଥିତ ରହି ନିଜ ମାମଲାର ଫଇସଲାରେ ସହାଯତା କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଜଣାଇ ଦିଆଯାଇଛି ।